# ପୌରପରିଷଦ କାର୍ଯ୍ୟାଳୟ,ପାରଳାଖେମୁଣ୍ଡି,ଗଜପତି


**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

**Ph No: 06815-222052, e-Mail: parala.mply@gmail.com**


Letter No. 920 Dated: 03 / 2 / 2025

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଛି ଯେ ପାରଳାଖେମୁଣ୍ଡି ପୌରପରିଷଦ ଅନ୍ତର୍ଗତ ନିମ୍ନଲିଖିତ ସୌରାତଗୁଡିକର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ପୌରପରିଷଦର ନିମ୍ନଲିଖିତ ସର୍ତ୍ତଅନୁଯାୟୀ ଇଛୁକ ଥିବା ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଛୁକ ଅଛନ୍ତି ତେବେ ଟ. ୧,୦୦୦.୦୦ଙ୍କା ଦେଇ ଫର୍ମ ପରିଷଦ ଠାରୁ କ୍ରୟ କରି ତା. ୦୩.୦୨.୨୦୨୫ ଦିନ ସକାଳ ୧୦.୦୦ ଘଣ୍ଟା ଠାରୁ ତା.୧୮.୦୨.୨୦୨୫ ରିଖ ଦିନ ଘ. ୧୨.୦୦ ଣ୍ଟା ମଧ୍ୟାହ୍ନ ସୁଦ୍ଧା କିଣି ସେଥିରେ ଆବେଦନ କରିଥିବା ସୌରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଟେଣ୍ଡର ପେପର ସହିତ ଇଛୁକ ବ୍ୟକ୍ତି ଚଳିତ ବର୍ଷ ଅର୍ଥାତ ୨୦୨୪-୨୫ ବର୍ଷର ସଲ୍ ଭେନସି ନିମ୍ନରେ ଦର୍ଶାଯାଇଥିବା ଟଙ୍କାର ପ୍ରମାଣ ପତ୍ର ମଧ୍ୟ ମୂଲ୍ୟାଙ୍କ ସହିତ ସଂଲଗ୍ନ କରି ଦାଖଲ କରିବେ । ତା.୧୮.୦୨.୨୦୨୫ରିଖ ସଂନ୍ଧ୍ୟା ୫.୦୦ ଘଣ୍ଟା ସୁଦ୍ଧା (Speed Post / Register Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରି ଅଟେ । ନଚେତ ଏହାକୁ ଗ୍ରହଣ କରାଯିବ ନାହିଁ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନହୁଏ, ତା ହେଲେ ପୁଣି ସାନି ଟେଣ୍ଡର ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ଟେଣ୍ଡର ପେପର ଗୁଡିକ ଅର୍ଥାତ ତା. ୧୯.୦୨.୨୦୨୫ ରିଖ ଅପରାହ୍ନ ୪.୦୦ଘଣ୍ଟା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାତା/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଖୋଲାଯିବ ।

### ସୌରାତର ବିବରଣୀ

| କ୍ରମିକ ନଂ. | ସୌରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ରାଶି | ସଲ୍ ଭେନସି ରାଶି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|---|
| ୧ | ଗଜପତି ଦୈନିକ ବଜାର | ୦୧.୦୪.୨୦୨୫ ଠାରୁ ୩୧.୦୩.୨୦୨୬ | ଟ. ୮,୦୮,୫୦୦/- | ଟ. ୧,୦୦,୦୦୦/- | ଟ.୫,୦୦,୦୦୦/- | ଟ. ୧,୦୦୦/- |
| ୨ | ବସ୍ ପାର୍କିଂ ଫି, ନୂତନ ବସଷ୍ଟାଣ୍ଡ | ୦୧.୦୪.୨୦୨୫ ଠାରୁ ୩୧.୦୩.୨୦୨୬ | ଟ. ୩,୦୨,୫୦୦/- | ଟ.୫୦,୦୦୦/- | ଟ.୫,୦୦,୦୦୦/- | ଟ. ୧,୦୦୦/- |
| ୩ | ଦୁଇ ଚକିଆ ମଟର ଯାନ / ଚାରି ଚକିଆ ମଟର ଯାନ (ଟାଉନ ହାଲ ନିକଟସ୍ଥ ସ୍ଥଳ) | ୦୧.୦୪.୨୦୨୫ ଠାରୁ ୩୧.୦୩.୨୦୨୬ | ଟ.୨,୩୪,୯୨୫/- | ଟ. ୧୦,୦୦୦/- | ଟ.୪,୦୦,୦୦୦/- | ଟ. ୧,୦୦୦/- |

### ମୂଲ୍ୟାଙ୍କ ସର୍ତ୍ତାବଳୀ

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତି ବିଶେଷ ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବାକିଥିବ ନିଲାମରେ ଭାଗ ନେଇ ପାରିବେ ନାହିଁ ।

୨. ଟେଣ୍ଡର ପେପର ସହିତ ଆବଶ୍ୟକୀୟ ଅମାନତ ଟଙ୍କା (ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କ) ଡ୍ରାଫଟ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡିଙ୍କ ନାମରେ କରି ଦାଖଲ କରିବେ । ଅସଫଳ ନିଲାମଧାରୀଙ୍କୁ ବ୍ୟାଙ୍କ ଡ୍ରାଫ୍‌ଟ ଫେରସ୍ତ ଦିଆଯିବ।

୩. ଯେଉଁ ବ୍ୟକ୍ତିଙ୍କ ନାମରେ ମୂଲ୍ୟାଙ୍କ ସିଦ୍ଧ ହେବ ସେ ସମ୍ପୂର୍ଣ୍ଣ ଅର୍ଥ କାର୍ଯ୍ୟାଦେଶ ଦେବା ଦିନ କାର୍ଯ୍ୟାଳୟରେ ପୈଠ କରିବା ପରେ ଚୁକ୍ତିନାମାରେ ଦସ୍ତଖତ କରିବାକୁ କାର୍ଯ୍ୟାଳୟ ତରଫରୁ ଆଦେଶ ଦିଆଯିବ । ସିଦ୍ଧ ନିଲାମ ଧାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ ଟଙ୍କା ପୈଠ ନ କରନ୍ତି ତେବେ ଅମାନତ ଧନକୁ ବାର୍ଯ୍ୟାପ୍ତ କରାଯିବ ଏବଂ ପରବର୍ତ୍ତୀ ମୂଲ୍ୟାଙ୍କ ଧାରୀ ଯଦି ସର୍ବୋଚ୍ଚ ମୂଲ୍ୟାଙ୍କ ଦରରେ ନେବାକୁ ଚାହାନ୍ତି ତେବେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।

୪. ସର୍ବୋଚ୍ଚ ମୂଲ୍ୟାଙ୍କ ସିଦ୍ଧ କରିବାପାଇଁ ପରିଷଦ ବାଧ୍ୟ ନୁହନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ମୂଲ୍ୟାଙ୍କ ରଦ୍ଦ କରିପାରିବେ ଏବଂ ଏହା ଉପରେ ଭବିଷ୍ୟତରେ କୌଣସି ଅଦାଲତର ଆଶ୍ରୟ ନେଇ ପାରିବେ ନାହିଁ ।

୫. ମୂଲ୍ୟାଙ୍କ ସିଦ୍ଧ ହେବା ବ୍ୟକ୍ତି କାର୍ଯ୍ୟାଳୟ ଆଦେଶ ପାଇବା ପରେ ମୂଲ୍ୟାଙ୍କ ମାସୁଲ, ଯେଉଁ ବ୍ୟକ୍ତିମାନଙ୍କୁ ଦ୍ୱାରା ଆଦାୟ କରିବେ, ସେମାନଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା କାର୍ଯ୍ୟାଳୟରେ ଦାଖଲ କରିବେ ।

୬. ଉପରୋକ୍ତ ସୌରାତର ଦର ଆଦାୟ କରିବା ତାଲିକା ପରିଶିଷ୍ଟ 'କ' ରେ ସଂଲଗ୍ନ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୮୨ ତା. ୩୦/୧/୨୦୨୫

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ତା.

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଜପତି / ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଏବଂ ତହସିଲଦାର ପାରଳାଖେମୁଣ୍ଡିଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୮୩ ତା. ୩୦/୧/୨୦୨୫

ଏହାର ଏକକିତା ନକଲ District e-Governance Manager, Collectorate, Gajapatiଙ୍କୁ ଅନୁରୋଧ କରାଗଲା । ଏହି ବିଜ୍ଞାପନକୁ ଜିଲ୍ଲା ୱେବସାଇଟରେ ପ୍ରସାରଣ କରିବା ନିମନ୍ତେ ଅନୁରୋଧ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି

ପରିପତ୍ର ସଂ. ୨୮୪ ତା. ୩୦/୧/୨୦୨୫

ଏହାର ଏକକିତା ନକଲ ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା, ଭୁବନେଶ୍ୱରଙ୍କୁ ପ୍ରେରଣ କରାଗଲା । ଅନୁରୋଧ କରାଗଲା ଯେ ଏହି ବିଜ୍ଞାପନକୁ କୌଣସି ଏକ ଆଞ୍ଚଳିକ ଓଡିଆ ଦୈନିକ ପତ୍ରିକାରେ ଗୋଟିଏ ଦିନ ପାଇଁ ପ୍ରକାଶନ କରିବେ (ଏହି ବିଜ୍ଞାପନକୁ ୧୦,୦୦୦ଟଙ୍କା ମଧ୍ୟରେ ବାହାର କରିବା ପାଇଁ ଅନୁରୋଧ) ।

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ ପାରଳାଖେମୁଣ୍ଡି